# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**29 July - 2024**

**News Editor : Itishree Singh Rathaur**

***************************************

## ମୁଖ୍ୟ ସମ୍ବାଦ

- ବିରୋଧି ସଦସ୍ୟଙ୍କ ହଟ୍ଟଗୋଳ ମଧ୍ୟରେ ବିଧାନସଭାରେ ବଜେଟ ସମ୍ପର୍କିତ ଆଲୋଚନା ଜାରି
- ନୂତନ ଜାତୀୟ ଶିକ୍ଷାନୀତି ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିବା ସହ ଦେଶର ଲୋକଙ୍କୁ ସଶକ୍ତ କରିଛି; କହିଲେ, କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ
- ରତ୍ନଭଣ୍ଡାର ମରାମତି ନେଇ ନୂଆ ମାର୍ଗଦର୍ଶିକା ଆସିବା ପରେ ଲେଜର ସ୍କାନିଂ ହେବ; ସୂଚନା ଦେଲେ ଜଷ୍ଟିସ୍ ବିଶ୍ୱନାଥ ରଥ

ଏବଂ

- ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷା ଜାରି; ଘଡଘଡି ସହ ବର୍ଷା ହେବା ନେଇ ୧୧ଟି ଜିଲ୍ଲାକୁ ସତର୍କ ସୂଚନା

## ବିଧାନସଭା-୧

ସପ୍ତଦଶ ବିଧାନସଭାର ଆଜି ଦ୍ୱିତୀୟାର୍ଦ୍ଧରେ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଜାରି ରହିଛି। ହଟ୍ଟଗୋଳ ମଧ୍ୟରେ ଗୃହରେ ବଜେଟ୍ ସମ୍ପର୍କିତ ଆଲୋଚନା ଚାଲିଛି। ସୂଚନା ଅନୁସାରେ, ଆଜି ବିଧାନସଭା ଆରମ୍ଭ ହେବା ମାତ୍ରକେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହ ବାହାରେ ରାଜ୍ୟରେ ଅଗ୍ନିବୀରମାନଙ୍କୁ ସଂରକ୍ଷଣ ସମ୍ପର୍କିତ ଘୋଷଣା ବିଧାନସଭାର ମର୍ଯ୍ୟାଦା ହାନୀ କରିଥିବା ବିରୋଧି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏ ନେଇ ଶୂନ୍ୟକାଳରେ କଂଗ୍ରେସ ଦଳ ପକ୍ଷରୁ ସ୍ୱାଧୀକାର ଭଙ୍ଗ ନୋଟିସ୍ ଆଗତ କରାଯାଇଥିଲା। ପରେ କଂଗ୍ରେସ ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ବିଭିନ୍ନ ସ୍ଲୋଗାନ ଦେବା ସହ ହଟ୍ଟଗୋଳ କରିଥିଲେ। ବିରୋଧି ବିଜେଡି ମଧ୍ୟ ଏହି ପ୍ରସଙ୍ଗକୁ ସମର୍ଥନ ଜଣାଇ ଉଦ୍‌ବେଗ ପ୍ରକାଶ କରିଥିଲା। ବିଜେଡ଼ି ବିଧାୟକ ଗଣେଶ୍ୱର ବେହେରା ଏହି ପ୍ରସଙ୍ଗରେ ସ୍ୱାଧୀକାର ଭଙ୍ଗ ନୋଟିସ୍ ଗ୍ରହଣ ପାଇଁ ଦାବୀ କରିଥିଲେ।  ଏହା ପରେ ବାଚସ୍ପତି ଗୃହକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

## ବିଧାନସଭା

ରାଜ୍ୟରେ ଜାତୀୟ ରାଜପଥଗୁଡ଼ିକରେ ଅପରାଧ ରୋକିବା ନିମନ୍ତେ ବହୁ ପୂର୍ବରୁ ପାଟ୍ରୋଲିଂ ବ୍ୟବସ୍ଥା ପ୍ରଚଳିତ ରହିଛି। ଏହାକୁ କଡାକଡି କରିବା ପାଇଁ ମୋବାଇଲ ପାଟ୍ରୋଲିଂ, ଡକାୟତି ନିରୋଧି ପାଟ୍ରୋଲିଂ, ବିଟ୍ ପାଟ୍ରୋଲିଂ, ଫୁଟ୍ ପାଟ୍ରୋଲିଂ ଓ ସାନ୍ଧ୍ୟକାଳୀନ ପାଟ୍ରୋଲିଂ କରାଯାଉଛି।

କମିଶନରେଟ୍ ଅଂଚଳରେ ଏହାର ସୁପରିଚାଳନା ନିମନ୍ତେ ସମନ୍ୱିତ ନିୟନ୍ତ୍ରଣ କକ୍ଷର ବ୍ୟବସ୍ଥା କରାଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲିଖିତ ଉତ୍ତରରେ ଗୃହରେ ଜଣାଇଛନ୍ତି। ବିଧାୟକ ପ୍ରଶାନ୍ତ ବେହେରାଙ୍କ ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି, ରାଜପଥରେ ଦୁର୍ଘଟଣା ହ୍ରାସ ସହ ଅପରାଧ ନିୟନ୍ତ୍ରଣ ନିମନ୍ତେ ରାଜ୍ୟ ସରକାର ୪ଟି ରାଜପଥ ଓ ଗୋଟିଏ ରାଜ୍ୟ ରାଜପଥରେ ପାଟ୍ରୋଲିଂ ବ୍ୟବସ୍ଥା ପ୍ରଚଳନକୁ ଅନୁମୋଦନ ଦେଇଛନ୍ତି। ଏଥିରେ ୧୧୯ ଜଣ ଅବସରପ୍ରାପ୍ତ ପୁଲିସ୍ ଅଧିକାରୀ ୩୬ଟି ପାଟ୍ରୋଲିଂ ଯାନରେ ନିୟୋଜିତ ହେବେ।

## ହାଜତ ମୃତ୍ୟୁ

ରାଜ୍ୟରେ ଗତ ୧୦ ବର୍ଷ ମଧ୍ୟରେ ୪୮ ଜଣଙ୍କର ହାଜତରେ ମୃତ୍ୟୁ ହୋଇଛି। କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଲିଖିତ ପ୍ରଶ୍ନର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି ଉତ୍ତର ରଖିଛନ୍ତି। ତଥ୍ୟ ଅନୁଯାୟୀ, ୨୦୨୨ରେ ହାଜତରେ ୫ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୦୨୩ରେ ୪ ଜଣଙ୍କର ମୃତ୍ୟୁ ହୋଇଛି।

## ଜାତୀୟ ଶିକ୍ଷାନୀତି-ଧର୍ମେନ୍ଦ୍ର ପ୍ରଧାନ

ଜାତୀୟ ଶିକ୍ଷାନୀତି ୨୦୨୦ର କ୍ରିୟାନ୍ୱୟନର ୪ ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଜାତୀୟ ଶିକ୍ଷାନୀତି ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିବା ସହ ଦେଶର ଲୋକଙ୍କୁ

ସଶକ୍ତ କରିଛି। ଏହାସହ ଦେଶର ସାମାଜିକ ଓ ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଆଶାର ପ୍ରତୀକ ଭାବେ ଉଭା ହୋଇଛି। ଶ୍ରୀ ପ୍ରଧାନ କହିଛନ୍ତି, ଜାତୀୟ ଶିକ୍ଷାନୀତିର କାର୍ଯ୍ୟକାରିତ ଶିକ୍ଷାକୁ ଅଧିକ ଜୀବନ୍ତ କରିଛି। ଭାରତର ଶିକ୍ଷାକୁ ଭବିଷ୍ୟତବାଦୀ କରିବା ବିଶ୍ୱସ୍ତରୀୟ ଏବଂ ଆଉଟ୍‌କମ୍ ଆଧାରିତ କରିବା ପାଇଁ ଶିକ୍ଷାନୀତି ମାର୍ଗଦର୍ଶନ ଦେଇଛି ବୋଲି ସେ କହିଛନ୍ତି।

ଅପରପକ୍ଷରେ, ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆଜି ଅଖିଳ ଭାରତୀୟ ଶିକ୍ଷା ସମାଗମ-୨୦୨୪ ପାଳିତ ହୋଇଛି। ଏହି ଅବସରରେ ଜାତୀୟ ଶିକ୍ଷାନୀତି ଅନ୍ତର୍ଗତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଉପକ୍ରମର ଶୁଭାରମ୍ଭ ହୋଇଥିଲା।

## ପାରାଦ୍ୱୀପ

କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ସଚିବ ଟି.କେ.ରାମଚନ୍ଦ୍ରନ୍ ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଆଜି ପ୍ରଥମ ଥର ପାଇଁ ଶ୍ରୀ ରାମଚନ୍ଦ୍ରନ୍ ପିପିଏ ଗସ୍ତ କରିବା ଅବସରରେ ୧୩ କୋଟିରୁ ଅଧିକ ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ପ୍ରକଳ୍ପଗୁଡ଼ିକ ମଧ୍ୟରେ ଟ୍ରମା ଏବଂ ବର୍ଣ୍ଣକେୟାର କେନ୍ଦ୍ର ଜଳ ବିଶୋଧନ ପ୍ଲାଣ୍ଟ ରହିଛି। ଶ୍ରୀ ରାମଚନ୍ଦ୍ରନ୍ କହିଛନ୍ତି, ଜଳ ବିଶୋଧନ ପ୍ଲାଣ୍ଟର ନିର୍ମାଣ କାର୍ଯ୍ୟ ଚଳିତବର୍ଷ ଡିସେମ୍ବର ସୁଦ୍ଧା ଶେଷ ହେବ ଏବଂ ଦୈନିକ ୧୬ ନିୟୁତ ଲିଟର ପାଣି ବିଶୋଧନ କରାଯାଇ ବନ୍ଦର ସହରାଞ୍ଚଳର ଲୋକମାନଙ୍କୁ ଯୋଗାଇ ଦିଆଯିବ।

ପିପିଏର ସମୀକ୍ଷା କରିବା ଅବସରରେ ଶ୍ରୀ ରାମଚନ୍ଦ୍ରନ୍ ଉତ୍ପାଦକତା ବୃଦ୍ଧି ପାଇଁ ବ୍ୟବସ୍ଥାରେ ଉନ୍ନତି ଆଣିବା ଲାଗି ପରାମର୍ଶ ଦେଇଥିଲେ ।

## ରତ୍ନଭଣ୍ଡାର ବୈଠକ

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି ନେଇ ସ୍ୱତନ୍ତ୍ର ତଦାରଖ କମିଟି ବୈଠକ ଆଜି ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ବୈଠକରେ ପ୍ରତ୍ନତତ୍ତ୍ୱ ବିଭାଗ ଅଧିକାରୀ ଓ ୧୫ ଜଣିଆ ଉଚ୍ଚସ୍ତରୀୟ କମିଟି ମଧ୍ୟରେ ରତ୍ନଭଣ୍ଡାର ସ୍ଥିତି, ସ୍ଥାୟୀତ୍ୱ ଓ ଲେଜର ସ୍କାନିଂ ନେଇ ଆଲୋଚନା ହୋଇଥିବା ଜଣାପଡିଛି । ବୈଠକ ପରେ କମିଟିର ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ କହିଛନ୍ତି, ରତ୍ନଭଣ୍ଡାରର ମରାମତି ଓ ଲେଜର ସ୍କାନିଂ ନେଇ ପରିଚାଳନା କମିଟି ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ନୂଆ ମାର୍ଗଦର୍ଶିକା ଆସିବା ପରେ ପ୍ରଥମେ ରତ୍ନଭଣ୍ଡାରର ଲେଜର ସ୍କାନିଂ ଓ ମରାମତି ହେବ। ପରେ ଅଳଙ୍କାରଗୁଡ଼ିକର ଗଣତି-ମଣତି କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି ।  ସେ କହିଛନ୍ତି, ରତ୍ନଭଣ୍ଡାରର ମରାମତି ପୂର୍ବରୁ ଭିତରେ ଖାଲିଥିବା ସମସ୍ତ ସିନ୍ଦୁକ ଆଲମୀରାକୁ ଏକ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବ । ଏହାପରେ ରତ୍ନଭଣ୍ଡାର ଭିତରେ ସୁଡଙ୍ଗ ଅଛି କି ନାହିଁ ଏ ନେଇ ଏଏସ୍ଆଇ ପକ୍ଷରୁ ଅତ୍ୟାଧୁନିକ ପଦ୍ଧତିରେ ଯାଞ୍ଚ ପାଇଁ ସରକାରଙ୍କୁ ପରାମର୍ଶ ଦିଆଯିବ । ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ମରାମତି କାର୍ଯ୍ୟ ଆରମ୍ଭ ହେବ । ମରାମତି ପରେ ଅସ୍ଥାୟୀ ରତ୍ନଭଣ୍ଡାର ଭିତରେ ଥିବା ସମସ୍ତ ରତ୍ନ ଅଳଙ୍କାରର ଗଣତି-ମଣତି କରାଯିବ ବୋଲି ଜଷ୍ଟିସ୍ ରଥ କହିଛନ୍ତି ।

## ରେଳପଥ-ନିରୀକ୍ଷଣ

ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଭୁବନେଶ୍ୱର-ପଲାସା ରେଳ ସେକ୍ସନକୁ ବିସ୍ତୃତ ଭାବେ ନୀରିକ୍ଷଣ କରିଛନ୍ତି। ଏହି ସମୟରେ ଶ୍ରୀ ଫୁଙ୍କୱାଲ ଭୁବନେଶ୍ୱର, ବାଲୁଗାଁ, ବ୍ରହ୍ମପୁର, ଛତ୍ରପୁର, ଖୋର୍ଦ୍ଧା ରୋଡ୍, ଲିଙ୍ଗରାଜ ଷ୍ଟେସନ ରୋଡ୍, ପଲାସା ଏବଂ ଇଚ୍ଛାପୁରମ୍ ଅମୃତଷ୍ଟେସନ ପ୍ରକଳ୍ପଗୁଡ଼ିକର ଅଗ୍ରଗତି କାର୍ଯ୍ୟ ସମୀକ୍ଷା କରିଥିଲେ। ଧାର୍ଯ୍ୟ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଏହା ସହିତ ଶ୍ରୀ ଫୁଙ୍କୱାଲ ବିଭିନ୍ନ ରେଳ ଷ୍ଟେସନରେ ଟ୍ରାଫିକ୍ ବ୍ୟବସ୍ଥା ଏବଂ ଯାତ୍ରୀମାନଙ୍କ ସୁବିଧା ସମ୍ବନ୍ଧୀୟ ଭିତିଭୂମି ଏବଂ ବିକାଶମୂଳକ କାର୍ଯ୍ୟଗୁଡ଼ିକୁ ନିରୀକ୍ଷଣ କରିଥିଲେ। ଯାତ୍ରୀମାନଙ୍କୁ ଉନ୍ନତ ସେବା ଏବଂ ସୁବିଧା ଯୋଗାଇବା ନେଇ ପ୍ରାଥମିକତା ଦେବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

## ଝାଡାବାନ୍ତି

କୋରାପୁଟ ଜିଲ୍ଲାର ଲମତାପୁଟରେ ଝାଡାବାନ୍ତି ବ୍ୟାପିଥିବା ଅଭିଯୋଗ ହୋଇଛି। ଏଥିରେ ୧୨ ଜଣ ଆକ୍ରାନ୍ତ ହୋଇ ହସ୍‌ପିଟାଲ୍‌ରେ ଭର୍ତ୍ତି ହୋଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଗୋଟିଏ ମେଡିକାଲ ଟିମ୍ ପହଞ୍ଚି ସ୍ୱାସ୍ଥ୍ୟ ପରୀକ୍ଷା କରୁଥିବା ଜଣାପଡିଛି।

## ଜନଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଅଭିଯୋଗ ଶୁଣାଣି ହୋଇଛି । **ନବରଙ୍ଗପୁର** ଜିଲ୍ଲାର ଉମରକୋଟରେ ଆଜି ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି । ଏଥିରେ ମୋଟ ୩୪ଟି ଅଭିଯୋଗର ଶୁଣାଣି ହୋଇଛି । ଏଥିସହ ୩ଟି ଟ୍ରାଇ ସାଇକେଲ, ୯ଟି ହ୍ୱିଲ ଚେୟାର, ୧୯ ଜଣଙ୍କୁ ପେନସନ, ୨୨ ଜଣଙ୍କୁ ଶ୍ରବଣଯନ୍ତ୍ର ପ୍ରଦାନ କରାଯାଇଥିଲା ।

**ଦେବଗଡ** ଜିଲ୍ଲା ବାରକୋଟ ବ୍ଲକ୍ ସଇଡା ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ୮୮ ଟି ଅଭିଯୋଗର ଶୁଣାଣି କରାଯାଇଥିବାବେଳେ **ରାୟଗଡା** ଜିଲ୍ଲା କୋଲନରା ବ୍ଲକ ସଦର ମହକୁମାସ୍ଥିତ ପଞ୍ଚାୟତ ସମିତି ସଦଭାବନା ସଭାଗୃହଠାରେ ଅନୁଷ୍ଠିତ ଶିବିରରେ ୯୬ଟି ଅଭିଯୋଗ ର ଶୁଣାଣି କରାଯାଇଛି । ସେହିପରି **କଳାହାଣ୍ଡି** ଜିଲ୍ଲା କଲମପୁରବ୍ଲକସ୍ଥିତ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଅନୁଷ୍ଠିତ ଶିବିରରେ ୧୪୩ଟି ଅଭିଯୋଗର ଶୁଣାଣି ହୋଇଥିବାବେଳେ **ସମ୍ବଲପୁର** ଜୁଜୋମରା ବ୍ଲକ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ୫୯ଟି ଅଭିଯୋଗର ଶୁଣାଣି କରାଯାଇଛି । **ନୟାଗଡ଼** ଜିଲ୍ଲା ଦଶପଲ୍ଲା ବ୍ଲକ୍ସ୍ଥିତ ପଂଚାୟତସମିତି ସମ୍ମିଳନୀ ଗୃହରେ ୨୫୭ଟି ଅଭିଯୋଗର ଶୁଣାଣି କରାଯାଇଛି ।

## ଆଇନ୍ ସଚେତନତା କାର୍ଯ୍ୟକ୍ରମ

**ଗଞ୍ଜାମ** ଜିଲ୍ଲା ଛତ୍ରପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ ସରକାରୀ ବିଜ୍ଞାନ ମହାବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କମିଟିର ଅଧ୍ୟକ୍ଷ ତଥା

ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍  ମନୋରଞ୍ଜନ ଦାଶ ନାବାଳକମାନଙ୍କ ପାଇଁ ଉଦ୍ଦିଷ୍ଟ ନ୍ୟାୟ ବ୍ୟବସ୍ଥା ଓ ଶିକ୍ଷା ଅଧିନିୟମ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ।

## ହିନ୍ଦୀ ପ୍ରଶିକ୍ଷଣ ଶିବିର

କେନ୍ଦ୍ରୀୟ ହିନ୍ଦୀ ଆୟୋଗ ଆଗ୍ରାର ଭୁବନେଶ୍ୱର କେନ୍ଦ୍ର ଶାଖା ପକ୍ଷରୁ **ନବରଙ୍ଗପୁର**ଠାରେ ବିଦ୍ୟାଳୟ ଶିକ୍ଷକମାନଙ୍କ ପାଇଁ ଏକ ଦଶଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଉଛି।

ଛାତ୍ରୀଛାତ୍ରଙ୍କ ମଧ୍ୟରେ ହିନ୍ଦୀ ଭାଷା ପ୍ରତି ଆଗ୍ରହ ତଥା ଭାଷାଜ୍ଞାନର ବିକାଶ ନିମନ୍ତେ ଜିଲାର ସମସ୍ତ ମାଧ୍ୟମିକ ବିଦ୍ୟାଳୟର ହିନ୍ଦୀ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଅଗଷ୍ଟ ୩ ପର୍ଯ୍ୟନ୍ତ ରାଜା ଚୈତନ୍ୟ ଦେବ ନୋଡାଲ ଉଚ୍ଚବିଦ୍ୟାଳୟରେ ଏହି ପ୍ରଶିକ୍ଷଣ ଦିଆଯିବ।

## ହୀରାକୁଦ

ହୀରାକୁଦ ଜଳଭଣ୍ଡାରରୁ ଗତକାଲି ଚଳିବର୍ଷର ପ୍ରଥମ ବନ୍ୟାଜଳ ଛଡାଯାଇଥିବାବେଳେ ୨୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଅପରାହ୍ନ ୩ଟା ସୁଦ୍ଧା ମିଳିଥିବା ତଥ୍ୟ ଅନୁସାରେ ସମୁଦାୟ ୨ଲକ୍ଷ ୪୭ ହଜାର ୨୨୨ କ୍ୟୁସେକ ପାଣି ପ୍ରତି ସେକେଣ୍ଡରେ ଜଳ ଭଣ୍ଡାରକୁ ପ୍ରବେଶ କରୁଛି। ସେହିଭଳି ୩ ଲକ୍ଷ ୪୭ ହଜାର ୩୨୯ କ୍ୟୁସେକ ପାଣି

ନିଷ୍କାସିତ ହେଉଛି। ଫଳରେ ଜଳଭଣ୍ଡାରର ଜଳସ୍ତର ହ୍ରାସ ପାଇ ୬୧୬.୩୭ ଫୁଟରେ ପହଂଚିଛି।

## ପାଣିପାଗ

ଲଘୁଚାପ ପ୍ରଭାବରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷାସ୍ଥିତି ଲାଗି ରହିବ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡଘଡ଼ି ସହ ବର୍ଷା ହେବା ନେଇ ୧୧ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ଗତ ୨୪ ଘଂଟା ମଧ୍ୟରେ ଜଗତସିଂହପୁର ଜିଲ୍ଲାର କୁଜଙ୍ଗରେ ସର୍ବାଧିକ ୧୧୦ ମିଲିମିଟର ବର୍ଷା ରେକର୍ଡ଼ ହୋଇଛି।

ଅନ୍ୟପକ୍ଷରେ, ଗତ ଜୁନ୍ ପହିଲାରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ୪୭୮ ଦଶମିକ ୮ ମିଲିମିଟର ବର୍ଷା ରେକର୍ଡ଼ ହୋଇଛି । ଏହା ସ୍ୱାଭାବିକ୍ ବର୍ଷା ତୁଳନାରେ ୯ ପ୍ରତିଶତ କମ୍ ଥିବା ଜଣାପଡିଛି।

*********************************